## ବାସନ୍ତୀ କଲୋନୀରେ ତୁଟୁଁନି ସମସ୍ୟା

# ପାଣି ପାଇଁ ଡହଳବିକଳ ହେଉଛନ୍ତି କଲୋନୀବାସୀ

**ରାଉରକେଲା, ୨୫।୪(ସମିସ):**



ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହର ଚାଲିଥିବା ବେଳେ ସ୍ମାର୍ଟସିଟି ରାଉରକେଲାରେ ପାରଦ ୪୩ ଡିଗ୍ରୀ ସେଲସିୟସ ତଳକୁ ଖସୁନି। ଗରମରେ ଲୋକେ କଲବଲ ହେଉଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାନୀୟ ଜଳ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଯାହାଫଳରେ ରାଉରକେଲାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ପାଇଁ ଲୋକମାନେ ଡହଳବିକଳ ହେଉଥିବା ଅଭିଯୋଗ ହୋଇଛି। ଏଭଳି ସମସ୍ୟା ବିଶେଷକରି ଉଦିତନଗର ଓ ବାସନ୍ତୀ କଲୋନୀ ଅଞ୍ଚଳରେ ପରିଲକ୍ଷିତ ହୋଇଛି। ଉକ୍ତ ଅଞ୍ଚଳରେ ଦିନ ତମାମ ମାତ୍ର ୧୦ ମିନିଟ ପାଇଁ ପାଣି ଆସିବା ପରେ ଆଉ ଜଳ ଯୋଗାଣ ହେଉନାହିଁ। ସୂଚନାଯୋଗ୍ୟ ଯେ ରାଉରକେଲା ସହରବାସୀଙ୍କୁ ନିୟମିତ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସକାଳେ ଏବଂ ସନ୍ଧ୍ୟାରେ ଘଣ୍ଟାଏ ଲେଖାଏଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ଯୋଗାଣ ପାଇଁ ନିୟମ ମଧ୍ୟ ରହିଛି। ପୂର୍ବରୁ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହିପରି ପାନୀୟଜଳ ଯୋଗାଣ ହେଉଥିବା ବେଳେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହବେଳେ ଦିନରେ ମାତ୍ର ଥରୁଟିଏ ଜଳ ଯୋଗାଣ କରାଯାଇଛି, ତା ପୁଣି ମାତ୍ର ୧୦ ମିନିଟ ପାଇଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାସନ୍ତୀ କଲୋନୀ ଅଞ୍ଚଳରେ ବିଭିନ୍ନ ବ୍ଲକ ପାଇଁ ପାନୀୟ ଜଳ ଯୋଗାଣ ପାଇଁ ସମୟ ନିର୍ଘଣ୍ଟ କରାଯାଇଥିବା ବେଳେ ତାର କୌଣସି ସମୟ ରକ୍ଷା କରାଯାଉନି। ଯେତେବେଳେ ଇଚ୍ଛା ମାତ୍ର ୧୦ ମିନିଟ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଏଚଡି ପାଇପରେ ଯୋଗାଣ କରାଯାଉଛି, ଯାହାକି ଡହ ଡହ ଖରାରେ ସମୁଦ୍ରକୁ ଶଙ୍ଖେ ସଦୃଶ। ପାଣି ଓଭର ହେଡ ଟାଙ୍କିକୁ ଉଠିବା ପୂର୍ବରୁ ବନ୍ଦ ହୋଇଯାଉଛି। ଫଳରେ ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଉଦିତନଗର ସ୍ଥିତ କୁମ୍ଭାରପଡ଼ା, ସର୍ଦାର ବସ୍ତି, ମନୁ ପଟ୍ଟନାୟକ ହସ୍ପିଟାଲ ଗଳି ଆଦି ଅଞ୍ଚଳରେ ସେହି ସମାନ ସମସ୍ୟା ଦେଖିବାକୁ ମିଳିଛି। ଅଭିଯୋଗ ମୁତାବକ, ଗତ କିଛି ଦିନ ଧରି ଏହି ସବୁ ଅଞ୍ଚଳରେ ପାଣି ଯୋଗାଣ ସମୟ ମାତ୍ର ୧୦ ମିନିଟରୁ କମ୍ ରହୁଛି। ଫଳରେ ଲୋକେ ପାଣି ଟୋପେ ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳରେ ଯେତିକି ନଳକୂପ ଅଛି ତାହା ଅଚଳ ହୋଇ ପଡ଼ିଛି। ଫଳରେ ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପାଣି ଯୋଗାଣ ସମୟକୁ ବୃଦ୍ଧି କରିବାକୁ ୱାଟକୋ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀ ସାକ୍ଷାତ କରି ଦାବି ଜଣାପଡ଼ିଛି। ଗୋଟିଏ ପଟେ ଆଗାମୀ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଲୋକମାନଙ୍କ ମୌଳିକ ଅଧିକାର ପାନୀୟ ଜଳ ଟୋପେ ନ ପାଇବା ରାଜନେତାଙ୍କ ପାରିବା ପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଆଗକୁ ନାମାଙ୍କନପତ୍ର ଦାଖଲ ଏବଂ ପରେ ପ୍ରଚାର ଜୋରସୋର ହେବ। ତେବେ ନିର୍ବାଚନୀ ପ୍ରଚାର ବେଳେ ଉକ୍ତ ଅଞ୍ଚଳର ବାସୀନ୍ଦାଙ୍କୁ ରାଜନେତାମାନେ କିପରି ସମ୍ମୁଖୀନ ହେବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ଶିଶୁ ବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ



**ବଣାଇଁ, ୨୫।୪(ସମିସ):** ଗୁରୁବାର ବଣାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗରେ 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ ୩ ୟ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେ ବଲାଙ୍ଗସ୍ଥିତ ଆୟୁର୍ବେଦିକ ଚିକିତ୍ସାଳୟ ଡ. କମଳାକାନ୍ତ ମାହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଶିଶୁରରୋଗ ଓ ତାର ନିରାକରଣ ବିଷୟରେ ଉପସ୍ଥିତ ଅଭିଭାବକମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଜଣେ ମା' କିପରି ଭାବେ ଶିଶୁର ଉପଯୁକ୍ତ ଯତ୍ନ ନେବା ସହିତ ତାର ଖାଦ୍ୟ ପେୟ, ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶକୁ ଧ୍ୟାନଦେଇ ବିକଶିତ କରିପାରିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ। ଗୁରୁମା ଝରଣା ମିଶ୍ରଙ୍କ ସଂଯୋଜନାରେ ସୋପାନ ଗୀତକୁ ଗୁରୁମା ସୁପ୍ରିୟା ଦେବ ପରିବେଷଣ କରିଥିଲେ। ପରିଚାଳନା କମିଟିର ସଭାପତି, ସମ୍ପାଦକ, ଉପ ସଭାପତିଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦିନେଶ କୁମାର ମାହାନ୍ତ, ବରିଷ୍ଠା ଆଚାର୍ଯ୍ୟ ପ୍ରତିଭା ରଣା, ଶିଶୁ ବାଟିକା ପ୍ରମୁଖ ପ୍ରେମଲତା ବେହେରା, ଉର୍ମିମାଳା ସାହୁ, ଲକ୍ଷ୍ମୀ ସାହୁ, ଜ୍ୟୋସ୍ନାରାଣି ପଣ୍ଡା, ଦିବ୍ୟାରାଣୀ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ଏଥିରେ ୫୦ ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ରହିଥିଲେ।

## କୋକ୍ ଓଭେନ୍ ବିଭାଗର ୮ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୨୫।୪(ସମିସ)**

ସେଲ ରାଉରକେଲା ଇସ୍ପାତ କାରଖାନାର କୋକ ଓଭେନ ବିଭାଗର କର୍ମଚାରୀଙ୍କର ଉଲ୍ଲେଖନୀୟ କାର୍ଯ୍ୟପାଇଁ ଉତ୍କର୍ଷ ଯୋଜନା ଅଧୀନରେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିକଟରେ କୋକ୍ ଓଭେନ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୋକ୍ ଓଭେନ, ସପ୍ ଏବଂ ଡିଜାଇନ୍ ବିଭାଗର ୮ ଜଣ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କର୍ଷ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ସିଓସିସି ବିଭାଗର ସିଜିଏମ ତୁଳାରାମ ବେହେରା, କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୋକ ଓଭେନ ବିଭାଗର ସିନିୟର ମ୍ୟାନେଜର ଧୀରଜ କୁମାର ସଂଯୋଜନା କରିଥିଲେ। କର୍ମଚାରୀମାନଙ୍କୁ ନୂତନ ଆଇଏଚସିବେସ୍ ଫ୍ରେମର ଫ୍ୟାବ୍ରିକେସନ୍ ଚିତ୍ରାଙ୍କନ ପାଇଁ ପୁରସ୍କୃତ କରାଯାଇଥିଲା।

## ରାଏବୋଗାରେ 'ଆମ୍‌କୋ-ସିମ୍‌କୋ' ସହିଦ ଦିବସ ପାଳିତ

**ରାଉରକେଲା, ୨୫।୪(ସମିସ):**

ଆମ୍‌କୋ-ସିମ୍‌କୋରେ ବ୍ରିଟିଶ ଗୁଳିରେ ସହିଦ ହୋଇଥିବା ୪୯ ଜଣ ନିରୀହ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୮୫ ତମ ସହିଦ ଦିବସରେ ପାନପୋଷ ଉପଜିଲ୍ଲାପାଳ ତଥା ଆମ୍‌କୋ-ସିମ୍‌କୋ ସହିଦ ସ୍ମାରକୀ କମିଟିର ଅଧ୍ୟକ୍ଷ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ରାହ୍ମଣମରାର ସମାଧି ପୀଠ ଓ ଆମକୋ-ସିମକୋର ସହିଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପେକ୍ଷୀରେ ଶ୍ରୀ ନାୟକ କହିଥିଲେ ଯେ ଖୁଣ୍ଟକାଟୀ ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ୧୯୩୯ ମସିହାରେ ବ୍ରିଟିଶ ଗୁଳିରେ ସହିଦ ହୋଇଥିବା ଆଦିବାସୀଙ୍କ ତ୍ୟାଗ ଓ ବଳିଦାନ ସ୍ମରଣୀୟ। ରାଜ୍ୟ ସରକାର ଆମ୍‌କୋ-ସିମ୍‌କୋକୁ ପର୍ଯ୍ୟଟନ ସ୍ଥଳୀରୂପେ ଘୋଷଣା କରିବା ସହ ସହିଦଙ୍କ ଉଦ୍ଦେଶ୍ୟରେ ଜାଲିୟାନାୱାଲାବାଗ ଢାଞ୍ଚାରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରିଛନ୍ତି। ଆମ୍‌କୋ-ସିମ୍‌କୋର ସମସ୍ତ ପ୍ରଗତିମୂଳକ କାର୍ଯ୍ୟ ଚାଲିଛି ଏବଂ ଆଗାମୀ ବର୍ଷ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେଲେ ଏହାକୁ ଉଦ୍‌ଘାଟନ କରାଯିବ। ସହିଦ ସ୍ମାରକୀ କମିଟିର ଯୁଗ୍ମ-ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେବାସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ କହିଲେ ଯେ ଆଜିକୁ ୮୫ ବର୍ଷ ତଳେ ଅର୍ଥାତ ୧୯୩୯ ମସିହାର ଆଜିର ଦିନରେ ବ୍ରିଟିଶ ଗୁଳିରେ ପ୍ରାଣବଳି ଦେଇ ସହିଦ ହୋଇଥିବା ୪୯ ଜଣ ନିରିହ ଆଦିବାସୀଙ୍କ ରକ୍ତ ରଞ୍ଜିତ ଏହି କ୍ଷେତ୍ର ସେମାନଙ୍କ ବିରତ୍ୱ ଓ ସଂଗ୍ରାମ କଥାମନେ ପକାଉଛି। ବେଦବ୍ୟାସ ଛକରେ ନିର୍ମଳ ମୁଣ୍ଡାଙ୍କ ୧୦ ଫୁଟ ଉଚ୍ଚର



ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତୀ ଖୁବ ଶୀଘ୍ର ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉଥିବାରୁ ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲ୍ଲା ଓଡ଼ିଶା ମାନଚିତ୍ରରେ ଆଉ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିରମିତ୍ରପୁର ପୌରପାଳିକାର ଅଧ୍ୟକ୍ଷ ସଞ୍ଜୀବ ମିଶ୍ର ଯୋଗଦେଇ ସହିଦ ସମାଧିସ୍ଥଳର ସୌନ୍ଦର୍ଯ୍ୟକରଣ ସହ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ପୂର୍ବତନ ବିଧାୟକ ନିହାର ସୁରିନ, ପାନପୋଷ ରମାନନ୍ଦ ପୃଷ୍ଟି, ବୀରମିତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ, ଉପାଧ୍ୟକ୍ଷା ନିବେଦିତା ବାଗ, ଇସ୍ପାତ ସ୍ୱୟଂ ଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଭବାନୀଶଙ୍କର ଚାଣ୍ଡେଲ, ଡାଲମିଆ କଲେଜର ପ୍ରାଣୀ ବିଜ୍ଞାନର ପ୍ରଫେସର ଅଚିନ୍ତ୍ୟ ଜେନା, ମୁଣ୍ଡାସମାଜର ସର୍ବଭାରତୀୟ ସମ୍ପାଦକ ରଘୁନାଥ ସିଂ, ସମାଜସେବୀ ଦେବେନ୍ଦ୍ର କୁମାର ନାୟକ ଓ ଦୀପକ କୁମାର ରାଉତରାୟ, ରୋଷନ ବାଗେ ପ୍ରମୁଖ ଉପସ୍ଥିତ ରହି ସହିଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମନଜିତ ସିଂହ, ତପନ ଦାଶ ଓ ସୁନିଲ ବାଗେ ପ୍ରାର୍ଥନା କରିଥିଲେ। ବିରମିତ୍ରପୁର ପୌରପାଳିକାର ବିଜୟ ରଞ୍ଜନ ଚଣ୍ଡେଲ, ବିଦ୍ୟୁତ କୁମାର ଦାସ, ସୁବ୍ରତ କୁମାର ପଟ୍ଟନାୟକ ସହଯୋଗ କରିଥିଲେ। ଫ୍ଲାବିଆନୁସ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଫରେଷ୍ଟରଙ୍କ ଅକାଳ ବିୟୋଗ

**ବଣାଇଁ, ୨୫।୪(ସମିସ):** ବଣାଇଁ ବନଖଣ୍ଡ ଅଧୀନ ସୋଲ ରେଞ୍ଜରେ କାର୍ଯ୍ୟରତ ଥିବା ଫରେଷ୍ଟର ପ୍ରତାପ କିଶୋର ସାହୁଙ୍କ ବୁଧବାର ରାତିରେ ରାତିରେ ଅକାଳ ବିୟୋଗ ଘଟିଛି। ବୁଧବାର ରାତିରେ ପ୍ରତାପ ନିଜ ସହକର୍ମୀଙ୍କ ସହ ରାତି ପାଟ୍ରୋଲିଂ କାର୍ଯ୍ୟସାରି ନିଜ ବାସଗୃହକୁ ଫେରିଥିଲେ। ଗୁରୁବାର ସକାଳୁ ଅନେକ ଡେରି ପର୍ଯ୍ୟନ୍ତ ନ ଉଠିବାରୁ ସହକର୍ମୀ ତାଙ୍କୁ ଅନେକ ଡକାଡକି କରିଥିଲେ ମଧ୍ୟ ସେ ଉଠି ନ ଥିଲେ। ପରେ ନିକଟକୁ ଯାଇ ଉଠେଇବା ପାଇଁ ଚେଷ୍ଟା କଲାବେଳେ ତାଙ୍କର ମୃତ୍ୟୁ



ହୋଇ ସାରିଥିବା ଜଣାପଡ଼ିଥିଲା। ଏହା ଦେଖି ସହକର୍ମୀ ସଙ୍ଗେ ସଙ୍ଗେ ରେଞ୍ଜ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରିବାପରେ ସେ ଗୁରୁଣ୍ଡିଆ ପୁଲିସକୁ ଘଟଣା ବିଷୟରେ ଅବଗତ କରିଥିଲେ। ପୁଲିସ ସୋଲ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ। ତା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି। ଶ୍ରୀ ସାହୁ ପ୍ରଥମେ ବଣାଇ ବନଖଣ୍ଡରେ ବନରକ୍ଷୀ ଭାବେ ଚାକିରି ଜୀବନ ଆରମ୍ଭ କରି ପରେ ଫରେଷ୍ଟର ଭାବେ ପଦୋନ୍ନତି ପାଇ ବିଭିନ୍ନ ରେଞ୍ଜରେ କାର୍ଯ୍ୟକରି ଆସୁଥିଲେ। ତାଙ୍କ ଘର ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜି ଗ୍ରାମରେ ହୋଇଥିବା ବେଳେ ସେ ନରେନ୍ଦ୍ର ଗ୍ରାମରୁ ବିବାହ କରିଥିଲେ। ତାଙ୍କର ୧୪ ବର୍ଷ ବୟସର ଏକ ପୁତ୍ର ସନ୍ତାନ ରହିଛି। ସ୍ତ୍ରୀ ମଧ୍ୟ ଦୀର୍ଘ ଦିନ ହେବ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ହୃଦ୍‌ଘାତ କିମ୍ବା ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଇଛି। ତେବେ ଶବବ୍ୟବଚ୍ଛଦ ରିପୋର୍ଟ ଆସିବାପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ। ଶବ ବ୍ୟବଚ୍ଛଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ମହିଳା ଅଧିକାରୀଙ୍କ ପାଇଁ ନେତୃତ୍ୱ ଓ ପ୍ରବନ୍ଧନ କର୍ମଶାଳା



**ରାଉରକେଲା, ୨୫।୪(ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନାର ମହିଳା ଅଧିକାରୀମାନଙ୍କ ପାଇଁ ନେତୃତ୍ୱ ଏବଂ ପ୍ରବନ୍ଧନ ଉତ୍ପାଦକତା କର୍ମଶାଳା ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ ଏବଂ ସେଲର ପୂର୍ବତନ ନିର୍ଦ୍ଦେଶକ ଡ. ସୋଏବ ଅହମ୍ମଦ ମଞ୍ଚାସୀନ ଥିଲେ। ଏହି ଅବସରରେ ଏଚଆରଡି ବିଭାଗର ସିଜିଏମ ରାଜଶ୍ରୀ ବାନାର୍ଜୀ ଏବଂ ଫେକଲ୍ଟି ସଦସ୍ୟ ଆର୍‌ଆଇ ଜୋସେଫ ଏବଂ ଏଜୋସେଫ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫ ଜଣ ମହିଳା ଅଧିକାରୀ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ଡ. ସୋଏବ ଅହମ୍ମଦ ନେତୃତ୍ୱର ନୂତନ ପନ୍ଥା ଅନ୍ୱେଷଣ ପାଇଁ ଆରାମପ୍ରଦ ପରିବୃତ୍ତରୁ ବାହାରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଇଡି (ୱାର୍କସ) କହିଥିଲେ ଯେ ନେତୃତ୍ୱମାନେ ସେମାନେ କ୍ରମବିକାଶ ଲାଭ କରିଥିବା ପରିବେଶ ଦ୍ୱାରା ଅନୁପ୍ରେରିତ ଅଟନ୍ତି। ଏହି କାର୍ଯ୍ୟକ୍ରମକୁ ଏଚଆରଡି ବିଭାଗର ଏଜିଏମ୍ କେକେ ଜୟସ୍ୱାଲ ସଂଯୋଜନା କରିଥିଲେ। ବିଭିନ୍ନ ଅଧିବେଶନରେ ଫାଇଭ ୱେ ମ୍ୟାନେଜମେଣ୍ଟ ସିଷ୍ଟମ୍, ଆଲେନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଆଧାରିତ କାର୍ଯ୍ୟ ଓ ଫଳାଫଳ, ମନୋଭାବ, ସମ୍ପର୍କ, ଉତ୍ତରଦାୟିତ୍ୱ, ମିଶନ୍ ପ୍ରମୁଖ କାର୍ଯ୍ୟକୌଶଳ ଏବଂ ମାନକ, ନୀତି, ପରିଚାଳନା ନେତୃତ୍ୱର ନୀତି, ସୋପାନ ଓ ମ୍ୟାନେଜମେଣ୍ଟ ଲିଡରସିପ୍, ପରିଚାଳନା କାର୍ଯ୍ୟ ବ୍ୟବଧାନ, କାର୍ଯ୍ୟ ଡେଲିଗେସନ, ପ୍ରେରଣା, ଯୋଗାଯୋଗ, ନିଷ୍ପତ୍ତି ନେବା, ସମସ୍ୟା ସମାଧାନ, କାର୍ଯ୍ୟ ପ୍ରକ୍ରିୟାରେ ଉନ୍ନତି ଏବଂ ନିୟନ୍ତ୍ରଣ ଇତ୍ୟାଦି ବିଷୟ ଅନ୍ତର୍ଭୁକ୍ତ ରହିଛି।

## ନିଖିଳ ଉତ୍କଳ କୈବର୍ତ୍ତ ସମାଜର ଚୈତ୍ର ମହୋତ୍ସବ



**ରାଉରକେଲା, ୨୫।୪(ସମିସ):** ନିଖିଳ ଉତ୍କଳ କୈବର୍ତ୍ତ ସମାଜର ଚୈତ୍ର ମହୋତ୍ସବ ଓ ୨୪ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଭଞ୍ଜଭବନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ରାଉରକେଲା ଆଇନ ମହାବିଦ୍ୟାଳୟ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନିଖିଳ ଉତ୍କଳ କୈବର୍ତ୍ତ ସମାଜର ରାଜ୍ୟ ସଭାପତି ଡ. ଦେବେନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। କୈବର୍ତ୍ତ ସମାଜର ଭାଇମାନଙ୍କ ମଧ୍ୟରେ ଐକ୍ୟବଦ୍ଧତା, ଭାଇଚାରା ବଜାୟ ରଖି ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଅରୁଣ କୁମାର ବେହେରା ଚୈତ୍ର ମହୋତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟେଟବ୍ୟାଙ୍କର ଅଧିକାରୀ ସରୋଜ ରାଉତରାୟ, ପ୍ରାକ୍ତନ ପୁଲିସ ଅଧିକାରୀ ସୁମନ ଦତ୍ତ, ସମାଜସେବୀ ରେବତୀ ବଲ୍ଲଭ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ଭ୍ରମରବର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନଟବର ବେହେରା, ପ୍ରାକ୍ତନ ସଭାପତି ଜଗବନ୍ଧୁ ବେହେରା, ଉପସଭାପତି କୁମୁଦ ବେହେରା, ଉପସାଧାରଣ ସମ୍ପାଦକ ବନ୍ଧୁଆ ବେହେରା, ସଂଗଠନ ସମ୍ପାଦକ ହରେକୃଷ୍ଣ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଥିଲେ।

## ମଧୁସୂଦନ ଦାସଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ



**ରାଉରକେଲା, ୨୫।୪(ସମିସ):** ରାଉରକେଲାର ସଂଭ୍ରାନ୍ତ ତଥା ପୁରାତନ ସାହିତ୍ୟ - ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ୨୮ ତାରିଖ ଦିନ ସଂଧ୍ୟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ହେବିକୁ ଯାଉଛି। ଏ ନେଇ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ପାଇଁ ଅନୁଷ୍ଠାନର ବରିଷ୍ଠ ଉପସଭାପତି ରଶ୍ମୀରଞ୍ଜନ ବୋଇତାଇଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ପ୍ରଦାନ କରିଥିଲେ। ସଂଘ ପରିସରରେ ଥିବା ମଧୁ ମଣ୍ଡପରେ ହେବାକୁ ଥିବା ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗ ଦେବାକୁ ସମ୍ମତି ପ୍ରକାଶ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସେବା ନିବୃତ୍ତ ପ୍ରଫେସର ଡ. ବିଜୟ କୁମାର ଶତପଥୀ, ବରେଣ୍ୟ ଅତିଥିଭାବେ ଶାନ୍ତି ନିକେତନ ଭାଷା ଭବନର ଅଧ୍ୟକ୍ଷ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ ତଥା ସମାଜସେବୀ ଭଗବାନ ଦାସ ଶିବହରେଙ୍କୁ ଯଥାକ୍ରମେ ସତ୍ୟନାରାୟଣ ସ୍ମୃତି ସମ୍ମାନ ଏବଂ ମଧୁସୂଦନ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ବୋଇତାଇଙ୍କ ସହ ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ, ସମ୍ପାଦକ ରାଧାମୋହନ ନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, କୋଷାଧ୍ୟକ୍ଷ ବିପିନ ବିହାରୀ ପଟ୍ଟନାୟକ, ପତ୍ରିକା ସମ୍ପାଦକ ଡ. ନଗେନ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ପଟ୍ଟନାୟକ, ଅର୍ଜୁନ ଭୂୟାଁ ଏବଂ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଁରମୁଣ୍ଡାର ବିଜେଡିର ମିଶ୍ରଣ ପର୍ବ

# ଯୋଗଦେଲେ ଅନ୍ୟ ଦଳର ଶତାଧିକ କର୍ମୀ

**ରାଉରକେଲା, ୨୫।୪(ସମିସ):** ଆଜି କୁଆଁରମୁଣ୍ଡା ବ୍ଲକ ବିଜେଡି ପକ୍ଷରୁ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଅନ୍ୟ ରାଜନୈତିକ ଦଳର ବହୁ ସଂଖ୍ୟାରେ ନେତା, କର୍ମୀ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଏବଂ ରାଜ୍ୟରେ ଜାରି ରହିଥିବା ବ୍ୟାପକ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ପ୍ରବୋଧ ଟପ୍ପୋ, ଫୁଲକେରିଆ ଟପ୍ପୋ, ବିଜେନ୍ଦ୍ର, ସମିତି ସଭ୍ୟ ଆଶିଷ ଟପ୍ପୋ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପାପୁ ସାହୁ, ଯମେସ ଟପ୍ପୋ, ଜମେଶ ବରଲା, ପବିତ୍ର କୁମାର, ଯେବିଶ ଇନ୍ଦୁଆର, ସୋନମ ମିଂଜ, ଇନ୍ଦୁ ମିଞ୍ଜ, ଜର୍ଜ ସେନା, ବିଜେପି ଏବଂ କଂଗ୍ରେସର ବହୁ କର୍ମୀମାନେ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା



ଜର୍ଜତୀର୍କି, ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ସାଂସଦ ପ୍ରାର୍ଥୀ ପଦ୍ମଶ୍ରୀ ଡ. ଦିଲୀପ ତୀର୍କି, ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ରୋହିତ ଜୋଶେଫ୍ ତୀର୍କି ବିଜେଡିରେ ଯୋଗଦାନ କରିଥିବା ସମସ୍ତ ନେତା ଓ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉଲକେଲା ସାଂଗଠନିକ ଜିଲ୍ଲା ସଭାପତି ହାଲୁ ମୁଣ୍ଡାରୀ, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗେ, କୁଆଁରମୁଣ୍ଡା ଜିଲ୍ଲା ପରିଷଦ ରାଜେନ୍ଦ୍ର କୁଜୁର, ମିନାକ୍ଷୀ ବାରିକ, ନୂଆଗାଁ ବ୍ଲକ ବିଜେଡି ସଭାପତି ମୁନୁ ଦାଶ, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ଉପାଧ୍ୟକ୍ଷା ସୁନିତା ଅହୀର, ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ସରିତା ପଟ୍ଟନାୟକ, ସରପଞ୍ଚ ସଂଘର ସଭାପତି ମାରିଆନୁସ କିରୋ, ବିଜେଡି ଟାଉନ ସଭାପତି କୁନା ଦେଓ, ରାଜେଶ ଖାଲଖୋ, ମନୋଜ ଦାସ, ରଞ୍ଜନ ଓଝା, ସୁଲେମାନ କାଉଡିଆ ଏବଂ ସରପଞ୍ଚ ଦିଲୀପ ଏକ୍କା, ନଶ୍ରେସ ସୂରିନ, ବିଜିତା କିଷାନ, ସମିତି ସଭ୍ୟ, ବରିଷ୍ଠ ଛାତ୍ର ନେତା ମହମ୍ମଦ ଏଜାଜ୍ ଆଲମ, ବିଶାଳ ଶର୍ମା, ପଞ୍ଚାୟତ ସଭାପତି ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।

# ପ୍ରଚାର କରିବାକୁ ଯାଇ ଆକ୍ରୋଶର ଶିକାର ହେଲେ ଦିଲୀପ




**ରାଉରକେଲା, ୨୫।୪(ସମିସ)**

ବିଜେପି ପ୍ରାର୍ଥୀ ଦିଲୀପ ରାୟଙ୍କୁ ପ୍ରବଳ ବିରୋଧ। ନିର୍ବାଚନୀ ପ୍ରଚାର କରିବାକୁ ଯାଇ ବିରୋଧର ଶୀକାର ହୋଇଛନ୍ତି ଦିଲୀପ। ବସ୍ତିବାସିନ୍ଦାଙ୍କ ପ୍ରବଳ ବିରୋଧ ଯୋଗୁଁ ମିଟିଂ କରି ନ ପାରି ଫେରି ଆସିଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ବନ୍ଧମୁଣ୍ଡାର ମୁଖୀ ବସ୍ତିରେ। ଗୁରୁବାର ଦିଲୀପ ରାୟ ତାଙ୍କ ସମର୍ଥକମାନଙ୍କ ସହ ନିର୍ବାଚନୀ ପ୍ରଚାର କରିବାକୁ ବନ୍ଧମୁଣ୍ଡାର ମୁଖୀ ବସ୍ତିକୁ ଯାଇଥିଲେ। ହେଲେ ସେଠାରେ ବସ୍ତିର ବହୁ ସଂଖ୍ୟାରେ ପୁରୁଷ ମହିଳା ଏକଜୁଟ ହୋଇ ଦିଲୀପଙ୍କୁ ବିରୋଧ କରିଥିଲେ। କାହାକୁ ପଚାରି ଏଠାକୁ ମିଟିଂ ପାଇଁ ଆସିଛ ବୋଲି ସେମାନେ ପ୍ରଶ୍ନ କରିଥିଲେ। ବସ୍ତିବାସିନ୍ଦାଙ୍କ କହିବା କଥା ଯେ ବସ୍ତି କମିଟି ସଭାପତି, ସମ୍ପାଦକଙ୍କୁନ ଜଣାଇ ଦିଲୀପ ରାୟ କିପରି ବସ୍ତିରେ ମିଟିଂ କରିବାରୁ ଆସିଲେ। ଏହାପରେ ଦିଲୀପ ସମର୍ଥକ ଓ ବସ୍ତି ବାସୀନ୍ଦାଙ୍କ ମଧ୍ୟରେ ଉଚ୍ଚବାଚ ଓ ଠେଲାପେଲା ହୋଇ ଏକ ପ୍ରକାର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେବାରୁ ବାଧ ହୋଇ ଦିଲୀପ ରାୟ ନିର୍ବାଚନୀ ମିଟିଂ ଆରମ୍ଭ ପୂର୍ବରୁ ହିଁ ନିଜ ଆତ୍ମ ସମ୍ମାନ ରକ୍ଷା କରି ସେଠାରୁ ଫେରି ଆସିଥିବା ଖବର ଚର୍ଚ୍ଚାର ବିଷୟ ପାଲଟିଛି। ସେପଟେ ଏହି ଘଟଣାକୁ ନେଇ ବନ୍ଧମୁଣ୍ଡା ଥାନାରେ ଦିଲୀପ ଗୋଷ୍ଠୀ ଓ ବସ୍ତିବାସିନ୍ଦାଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଏତାଲା ଦିଆଯାଇଛି। ପୁଲିସ ଏ ନେଇ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**ମିଟିଂ କରି ନ ପାରି ଫେରି ଆସିଲେ**

## ଟ୍ରେନ୍‌ରେ କଟିଗଲା ଯୁବକଙ୍କ ଗୋଡ଼

**ରାଉରକେଲା, ୨୫।୪(ସମିସ):** ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ଗୋଡ଼ କଟି ଯାଇଛି। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଲେ ଉଦିତନଗର ଥାନା ଅଧୀନ ଶୀତଳପଡ଼ା ବସ୍ତିର ଲକ୍ଷ୍ମୀ ନାରାୟଣ ଚୌହାନ(୩୦)। ସୂଚନା ମୁତାବକ, ଲକ୍ଷ୍ମୀ ବିଲାସପୁରରେ କାମ କରନ୍ତି। ଗତ ୫ ଦିନ ପୂର୍ବେ ସେ ସେଠାକୁ ଯାଇଥିଲେ। ଗତକାଲି ରାତିରେ ଘରକୁ ଟେନରେ ଘରକୁ ଫେରୁଥିଲେ। ବିଲାସପୁର ନିକଟସ୍ଥ ଅକଲତର ରେଲଷ୍ଟେସନ ଠାରେ ହଠାତ୍ ସେ ପଡ଼ି ଯାଇଥିଲେ। ଫଳରେ ଟ୍ରେନ୍ ଚକା ତାଙ୍କ ଗୋଡ଼ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ରେଲୱେ ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ଗୁରୁବାର ପରିବାର ଲୋକେ ଜାଣିବା ପରେ ସେଠାକୁ ଯାଇଥିବା ଜଣାପଡ଼ିଛି।

**ଓଲଟିଲା ଅଟୋ**

## ୪ ଆହତ, ଜଣେ ଗୁରୁତର




**ଲହୁଣୀପଡ଼ା, ୨୫।୪(ସମିସ):** ଚାନ୍ଦିପୋଷ ଥାନା ଅଧୀନ ମଧୁପୁର ନିକଟରେ ଅଜଣାଗାଡି ଧକ୍କାରେ ଏକ ଅଟୋ ଓଲଟି ପଡ଼ିବାରୁ ୪ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ କୋଇଡ଼ା ବ୍ଲକ ଚୋରଧରା ଏବଂ ମଞ୍ଜାବେଡା ଗ୍ରାମରୁ ମିଶି ପ୍ରାୟ ୮ ଜଣ କୁଟେଇତା କେନ୍ଦୁଘାଟି ଗ୍ରାମକୁ ବିବାହ ଭୋଜି ରେ ଯୋଗଦାନ କରିବାକୁ ଯାଇ ଅଟୋରେ କେନ୍ଦୁଘାଟିରୁ ଚୋରଧରା ଫେରୁଥିବାବେଳେ ୧୪୩ ନମ୍ବର ଜାତୀୟ ରାଜପଥର ବରଘାଟ ମଧୁପୁର ନିକଟରେ ଅଟୋକୁ ପଛରୁ ଏକ ଗାଡ଼ି ଧକ୍କା ଦେବାରୁ ଅଟୋଟି ବ୍ୟାରିକେଡ୍‌ରେ ପିଟି ହୋଇ ଓଲଟି ପଡ଼ିବାରୁ ଅଟୋ ଚାଳକଙ୍କୁ ମିଶାଇ ୪ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ମଞ୍ଜାବେଡା ଗ୍ରାମର ଦୟାମନି ମୁଣ୍ଡା (୩୫) ଜୁନି ମୁଣ୍ଡା (୭୦) ଏବଂ ଚୋରଧରା ଗ୍ରାମର ପୁନମ ମୁଣ୍ଡା (୨୧), ଜୁଆଲ ମୁଣ୍ଡା (୪୬) ଏବଂ ସନ୍ତୋଷୀ ମୁଣ୍ଡା (୪୫) ରହିଛନ୍ତି। ସମସ୍ତ ଆହତଙ୍କୁ ଲହୁଣୀପଡ଼ା ଡାକ୍ତର ଅଣାଯାଇଥିବାବେଳେ ଏମାନଙ୍କ ମଧ୍ୟରେ ସନ୍ତୋଷୀ ମୁଣ୍ଡା ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟମାନେ ଲହୁଣୀପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବରପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ; ଚାଳକ ଗିରଫ

**ରାଉରକେଲା, ୨୫।୪(ସମିସ):** ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, ଛେଣ୍ଡ ଥାନା ଅନ୍ତର୍ଗତ କଳିଙ୍ଗ ବିହାର ଏମ୍‌ଆଇ/୨୧୫ ବାସିନ୍ଦା ସଂଗ୍ରାମ କେଶରୀ ମହାପାତ୍ର(୫୨)। ପୁଲିସ୍ ଟ୍ରକକୁ ଜବତ କରିଥିବା ବେଳେ ଚାଳକ ସତେନ୍ଦ୍ର କୁମାର ରାୟଙ୍କୁ ଗିରଫ କରିଛି। ପୁଲିସ ସୂଚନା ମୁତାବକ, ସ୍କୁଟିରେ ସଂଗ୍ରାମ କୌଣସି କାମରେ ସରନା ଛକଦେଇ ସକାଳ ପ୍ରାୟ ୯ଟା ବେଳେ ଯାଉଥିଲେ। ପଛ ପଟୁ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଛକରେ ପ୍ରାୟ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଚାଲିଛି। ମାତ୍ର ପୁଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ସେଠାରେ ଟ୍ରାଫିକ ପୁଲିସ ନିୟୋଜିତ କରିବାକୁ ସାଧାରଣରେ ଦାବି କରାଯାଇଛି।

## ବିଜେଡିରେ ଯୋଗଦେଲେ ପ୍ରଶାନ୍ତ



**ରାଉରକେଲା, ୨୫।୪(ସମିସ):** ରଘୁନାଥପାଲୀ ଅଞ୍ଚଳର ଟାଣୁଆ ଜନ ପ୍ରତିନିଧି ତଥା ସମାଜସେବୀ ପ୍ରଶାନ୍ତ ସେଠୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବରେ ଆଜି ପ୍ରଶାନ୍ତ ତାଙ୍କ ସମର୍ଥକଙ୍କ ସହ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗଦାନ କଲେ। ଏହି ଅବସରରେ ସରୋଜ ନାୟକ, ବିଶ୍ୱ ରଞ୍ଜନ ରାଉତ, ତନ୍ମୟ ସେଠୀ, ପ୍ରତାପ ପାଢ଼ୀ, ନରେନ୍ଦ୍ର ମହାନ୍ତି, ବିକାଶ ବେହୁରିଆ, ଦେବେନ୍ଦ୍ର ସେଠୀ, ସିମାଞ୍ଚଳ ଖଣ୍ଡୁଆଳ, ଦେବବ୍ରତ ନାୟକ, ସୋନୁ ସିଂ, ଜିତେନ୍ ମାଛଖଣ୍ଡ, ରାଜେଶ ମଣ୍ଡଳ, ସୁବାସ କଂସାରୀ, ସୁରଜ କଂସାରୀ, ପ୍ରତାପ ସିଂ, ସୌମ୍ୟ ମହାନ୍ତି, ମୁକେଶ ସିଂ, ରାଜେଶ ଖଡିଆ, ଶଙ୍କର ଦାସ, ସୁଶାନ୍ତ ସେଠୀ ଯୋଗଦାନ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଗତ ୨୦୧୯ ନିର୍ବାଚନରେ ପ୍ରଶାନ୍ତ ସେଠୀ କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ସତ ହେଲେ ନିର୍ବାଚନ ମଣ୍ଡଳୀବାସୀଙ୍କ ସହ ବିଭିନ୍ନ ସାମାଜିକ ସମସ୍ୟା ନେଇ ଲୋକଙ୍କ ସହ ସମ୍ପର୍କ ରଖି ଆସିଥିଲେ। ତେବେ ଏଥର ସେ ବିଧାୟକ ପାଇଁ ଆଶାୟୀ ରହିଥିବା ବେଳେ ଦଳ ବିଧାୟକ ସୁବ୍ରତ ତରାଇଙ୍କ ପତ୍ନୀ ଅର୍ଚ୍ଚନାରେଖା ବେହେରାଙ୍କୁ ଟିକଟ ଦେଇଛି। ଏବେ ପ୍ରଶାନ୍ତଙ୍କ ବିଜେଡିରେ ଯୋଗଦାନ ପରେ ତାଙ୍କର ଭୂମିକା କ'ଣ ରହିବ ତାହା ଦେଖିବାକୁ ବାକି ରହିଲା।

## ଘର ଭିତରକୁ ପଶିଗଲା ଟ୍ରକ୍; ଜଣେ ଗୁରୁତର



**କୁଆଁରମୁଣ୍ଡା, ୨୫।୪(ସମିସ):** କୁଆରମୁଣ୍ଡା-ହାତୀବାରି ରାସ୍ତା କୁଆରମୁଣ୍ଡା ରାମମନ୍ଦିର ନିକଟରେ ଏକ ଟ୍ରକ୍ ଘର ଭିତରକୁ ପଶିଯିବାରୁ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ମହିଳାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କୁଆରମୁଣ୍ଡା ପରେ ରାଉରକେଲା ପଠାଯାଇଛି। ସୂଚନା ଅନୁସାରେ, ଗୁରୁବାର ସକାଳ ୭ଟା ବେଳେ ଟ୍ରକ୍‌ଟି ହାତୀବାରି ରାସ୍ତାରେ କୁଆରମୁଣ୍ଡା ଆସୁଥିବା ବେଳେ ଭାରସାମ୍ୟ ହରାଇ କୁଆରମୁଣ୍ଡାର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ନିମନ୍ତୀ ଲୁଗୁନଙ୍କ ଘର ଭିତରକୁ ପଶି ଯାଇଥିଲା। ଫଳରେ ତାଙ୍କର ଘର କ୍ଷତିଗ୍ରସ୍ତ ହେବା ସହ ନମିତା ଲୁଗୁନ ନାମ୍ନୀ ଜଣେ ମହିଳା ଆହତ ହୋଇଛନ୍ତି। ନମିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। କୁଆରମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ଆଖଡ଼ା କମିଟି ପକ୍ଷରୁ ଏସ୍‌ପିଙ୍କୁ କୃତଜ୍ଞତା



**ରାଉରକେଲା, ୨୫।୪(ସମିସ):** ପବିତ୍ର ରାମନବମୀ ଉପଲକ୍ଷେ ଆଖଡ଼ା ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଏଥିରେ ସମସ୍ତଙ୍କ ସହଯୋଗ ରହିବା ସହ ଶାନ୍ତି ଶୃଙ୍ଖଳାର ସହ ଆଖଡ଼ା ଶୋଭାଯାତ୍ରା ସମ୍ପନ୍ନ ପାଇଁ ବିଭିନ୍ନ ଆଖଡ଼ା କମିଟି ପକ୍ଷରୁ ରାଉରକେଲା ଏସ୍‌ପି ତଥା ଡିଆଇଜି ବ୍ରିଜେଶ କୁମାର ରାଏଙ୍କୁ ଭେଟି ଧନ୍ୟବାଦ୍ ଦିଆଯାଇଛି। ଏହି ଅବସରରେ ସୁଭାଷ ବର୍ମା, ବିବେକ ଶ୍ରୀବାସ୍ତବ, ଯଶବିନ୍ଦର ସିଂହ, ବିରେନ ପତି, ଦୌଲତ୍ କୁମାର, ଓପି ସିଂ, ବିକାଶ କଛୁଆ, ପବନ କୁନ୍ଦ୍ରା, ବିନୟ ସିଂ, ନିରଞ୍ଜନ ସୋନି, କିଶନ ବୁଦ୍ଧଦେବ, ରାହୁଲ ମହାନ୍ତି ପ୍ରମୁଖ ଏସ୍‌ପି ବ୍ରିଜେଶ ରାୟଙ୍କୁ ସାକ୍ଷାତକରି ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୨୫।୪(ସମିସ):** ସ୍ଥାନୀୟଆମ୍ବପୁଆ ବିବେକ ବିହାର ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତରୁ ଯୁବକଙ୍କ କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଚାଲିଆସିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଏନେଇ ବ୍ରହ୍ମପୁର ସରକାରୀ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଜି ସକାଳୁ ବିବକେ ବିହାର ନିକଟ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ରେଳବାଇ ଥାନା ପୁଲିସକୁ ଖବର ମିଳିଥିଲା। ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ମୃତ ଯୁବକଙ୍କ ନିକଟରୁ କୌଣସି ପରିଚୟ ପତ୍ର ମିଳିନଥିବାରୁ ତାଙ୍କ ପରିଚୟ ସ୍ପଷ୍ଟ ହୋଇ ପାରିନଥିଲା। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷିତ କରି ରଖାଯାଇଛି।

**ପାର୍ଟ ଟାଇମ୍ ଚାକିରି କରାଇଦେବାକୁ କହି ୬ଲକ୍ଷ ଠକେଇ**

## ରାଜସ୍ଥାନର ଦୁଇ ସାଇବର ଠକଙ୍କୁ କାବୁକଲା କ୍ରାଇମବ୍ରାଞ୍ଚ

**ବ୍ରହ୍ମପୁର,୨୫।୪(ସମିସ):** ବ୍ରହ୍ମପୁରର ଜଣେ ଯୁବକଙ୍କୁ ପାର୍ଟ ଟାଇମ ଚାକିରି କରାଇଦେବାକୁ କହି ୬ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ରାଜସ୍ଥାନର ୨ଜଣ ସାଇବର ଠକଙ୍କୁ ଗିରଫ କରିବାରେ ସଫଳ ହୋଇଛି ଓଡ଼ିଶା କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନର ଟୋଙ୍କ ଜିଲ୍ଲା ବାହିର ଅଞ୍ଚଳର ସାମିଉଦ୍ଦିନ ଖାନ ଓରଫ ସାମି(୨୦) ଓ ରାଜସ୍ଥାନର ସେଞ୍ଚାର ଜିଲ୍ଲା ସେଞ୍ଚାର ଅଞ୍ଚଳର ପ୍ରବୀଣ କୁମାର(୨୧)। ଏହି ମାମଲାରେ ପୂର୍ବରୁ ଅମନୁଲ୍ଲା ଖାନ(୨୦) ନାମକ ଜଣେ ଯୁବକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧିନ କଏଦୀ ଭାବେ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କସ୍ତୁରୀନଗର ନିବାସୀ ଏଲ. ଅଜିତ କୁମାର ଦାସଙ୍କ ନିକଟକୁ ୨୦୨୩ ନଭେମ୍ବର ୯ ତାରିଖରେ ଏକ ୱାଟସଆପ ମେସେଜ ଆସିଥିଲା। ୱାଲର୍ଡୱାଇଡ ମିଡିଆ ନାମକ ଏକ ସଂସ୍ଥାରେ ପାର୍ଟ ଟାଇମ ଚାକିରି କରି ଦିନକୁ ୨୦୦ ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ ବୋଲି ଉକ୍ତ ମେସେଜରେ ଉଲ୍ଲେଖ ରହିଥିଲା। ଘରେ ବସି ଟଙ୍କା ରୋଜଗାର କରିବା ଲୋଭରେ ଅଜିତ ଉକ୍ତ ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରିଥିଲେ। ପରେ ଅଜିତ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ପରେ ଅଜିତଙ୍କୁ ଏକାଧିକ କାମ ଦିଆଯାଇଥିଲା। ସେହି କାମ ସରିବା ପରେ ଅଜିତଙ୍କ ଆକାଉଣ୍ଟକୁ କିଛି କମିଶନ ଟଙ୍କା ଆସିଥିଲା। ଏହାପରେ ଅଜିତଙ୍କୁ ଅନଲାଇନରେ ଇନଭେଷ୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ମୋଟ ଅଙ୍କର କମିଶନ ମିଳିବାର ଲୋଭ ଦେଖାଯାଇଥିଲା। ସେହିକ୍ରମରେ ସାଇବର ଠକଙ୍କ ଦ୍ୱାରା ଖୋଲାଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଅଜିତ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୬ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ ତାଙ୍କୁ କମିଶନ ମିଳିନଥିଲା କି ମୂଳ ଟଙ୍କା ମଧ ମିଳିନଥିଲା। ଓଲଟି ତାଙ୍କୁ ଅଧିକରୁ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଯାହାକୁ ନେଇ ଅଜିତଙ୍କ ସନ୍ଦେହ ହେବା ସହ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ପୁଲିସ ନିକଟରେ ଅଭିଯୋଗ କରିବା ପରେ ଓଡ଼ିଶା କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ତଦନ୍ତ ବେଳେ ଏହି ଠକେଇ ପଛରେ ଉପରୋକ୍ତ ଅଭିଯୁକ୍ତଙ୍କ ଦ୍ୱାରା ବ୍ୟବହାର ହୋଇଥିବା ମୋବାଇଲ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ମିଳିଥିଲା। ସେହିକ୍ରମରେ କିଛିମାସ ପୂର୍ବେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଥମେ ଅମନୁଲ୍ଲା ଖାନକୁ ଗିରଫ କରାଯାଇ ଓଡ଼ିଶା ଅଣାଯିବା ପରେ ବହୁ ତଥ୍ୟ ହାସଲ କରାଯାଇଥିଲା। ସେ ସାମି ଓ ପ୍ରବୀଣଙ୍କ ସମ୍ପୃକ୍ତି ଥିବା ସୂଚନା ଦେଇଥିଲା। ସେହି ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଥିଲା କ୍ରାଇମବ୍ରାଞ୍ଚ। ଉପରୋକ୍ତ ୨ଅଭିଯୁକ୍ତ ରାଜସ୍ଥାନର ଯୋଧପୁରରେ ରହୁଥିବା ସୂଚନା ମିଳିବା ପରେ କିଛିଦିନ ପୂର୍ବେ କ୍ରାଇମବ୍ରାଞ୍ଚର ଏସଆଇ ପି.କେ.ନାୟକଙ୍କ ନେତୃତ୍ୱରେ ଏକ ଟିମ ଯୋଧପୁରକୁ ଯାଇ ଉଭୟଙ୍କୁ କାବୁ କରିଥିଲା।

**ନର୍ସେସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରତିଯୋଗିତା**

# ପୁରସ୍କୃତ ହେଲେ ବିଜୟୀ ଛାତ୍ରଛାତ୍ରୀ




**ରାଉରକେଲା, ୨୫।୪(ସମିସ)**

'ସେଲ' ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲର ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ଆଗାମୀ ସେବିକା ଦିବସ ପାଳନ ଉପଲକ୍ଷେ ବିବିଧ ପ୍ରତିଯୋଗିତା ଆରମ୍ଭ ହୋଇଛି। ଗତ ୨୨ ତାରିଖରେ ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ଅତିସୁନ୍ଦର ଏବଂ ନିଖୁଣ ଭାବେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶରୀର ଉପରେ ଚିତ୍ରଣ କରିଥିଲେ। ଏଥିରେ ରାଜଲକ୍ଷ୍ମୀ ସାହୁ, ଶ୍ରଦ୍ଧାଞ୍ଜଳି ସେଠ ଏବଂ ମୋନାଲିସା ପାତ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ। ସେହିଭଳି ବର ଏବଂ ବଧୂ ବେଶପୋଷାକ ପରିଧାନ ଭଳି ଅନ୍ୟ ଏକ ପ୍ରତିଯୋଗିତାର ମଧ ଆୟୋଜନ କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତା ଯଥାକ୍ରମେ ଅଞ୍ଜଳି କନସଲ, ଶିଖାରାଣୀ ମିଞ୍ଜ ଏବଂ ଅଭିଲିପ୍ସା ହୋଇଥିଲେ।

ଫୁଡ୍ ଫେଷ୍ଟ ମଧ ଆଉ ଏକ ଆକର୍ଷଣୀୟ ପ୍ରତିଯୋଗିତା ଥିଲା ଯେଉଁଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇଥିଲେ। ପ୍ରତ୍ୟେକ ଗୋଷ୍ଠୀକୁ ତିନୋଟି ଖାଇବା ସାମଗ୍ରୀ ପ୍ରସ୍ତୁତ ଏବଂ ବିକ୍ରୟ କରିବାକୁ ହୋଇଥିଲା। ନିର୍ଦ୍ଧାରିତ ସମୟସୀମା ଶେଷରେ ଯେଉଁ ଗ୍ରୁପ୍ ସର୍ବାଧିକ ଆଦୃତ ଲାଭ କରିଥିଲା ସେମାନଙ୍କୁ ବିଜେତା ଘୋଷଣା କରାଯାଇଥିଲା। ଏଥିରେ ବିଜେତା ଦଳର ପ୍ରତିଯୋଗୀମାନେ ହେଉଛନ୍ତି ନିରୋଦ କୁମାର ପାତ୍ର, ଆଶୁତୋଷ ମହନ୍ତ, ଏସ କେ ମହମ୍ମଦ ଆଜାଦ, ଭବାନୀ ଶଙ୍କର ଏବଂ କୌଶିକ। ରଙ୍ଗୋଲି, ଏବଂ ସୋଲୋ ସଙ୍ଗୀତ ପରି ଅନ୍ୟ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ବିଜେତାମାନେ ହେଲେ ମୋନାଲିସା ପାତ୍ର, ଶୁଭସ୍ମିତା ଦଳାଇ ଏବଂ ଲିପ୍ସିତା ସାହୁ। ସେହିଭଳି ସୋଲୋ ସଙ୍ଗୀତରେ ବିଜେତାମାନେ ହେଉଛନ୍ତି ସୁମିତ କୁମାର ଗିରି, ପୁଣ୍ୟପ୍ରଭା ଦାସ ଏବଂ ଦୀପାରାଣୀ ବେହେରା। ମାନସିକ ଦକ୍ଷତା ପରୀକ୍ଷା କରିବାକୁ, ଅନ୍ ଦି ସ୍ପଟ ପ୍ରବନ୍ଧ ଏବଂ ପ୍ରାଥମିକ ରାଉଣ୍ଡ କୁଇଜ୍ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ବାପ-ପୁଅ ମୃତ

**ସୁନ୍ଦରଗଡ଼, ୨୫।୪(ସମିସ):** ନିଜ ନାବାଳକ ପୁଅକୁ ନେଇ ବଡ଼ଗାଁରେ ଚାଲିଥିବା ରାମଲୀଳା ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ବାଇକରେ ଫେରିବା ବାଟରେ ତାଙ୍କ ଗାଁ ଛକ ରାସ୍ତାରେ ଜୀବନ ଗଲା। ଘରେ ପହଞ୍ଚିବାର କିଛି ମିଟର ଦୂରରେ ଗାଡ଼ି ଧକ୍କାରେ ବାପ-ପୁଅଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏପରି

- ସାପ କାମୁଡ଼ାରେ ମରିଥିଲେ ପତ୍ନୀ
- ୩ ପୁଅ ଝିଅ ବେସାହାରା


ଅଭାବନୀୟ ଘଟଣା ଘଟି ଯାଇଛି ବଡ଼ଗାଁ ଥାନା ଅଧୀନ ତୁଡାଲଗା ଠାରେ। ବୁଧବାର ତୁଡାଲଗା ଗ୍ରାମର ଗଣେଶ କମାର (୩୮) ତାଙ୍କ ପୁଅ ଓମ୍ (୧୩)କୁ ନେଇ ବଡଗାଁ ରାମଲୀଳା ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ସାରିଲା ପରେ ତାଙ୍କ ବାଇକ୍‌ରେ ଘରକୁ ଫେରୁଥିବାବେଳେ ରାତି ପ୍ରାୟ ଦେଢ଼ଟା ସମୟରେ ୧୦ ନମ୍ବର ରାଜ୍ୟ ରାଜପଥର ନିଜ ଗାଁ ଛକ ନିକଟରେ କୌଣସି ଏକ ଗାଡି ତାଙ୍କୁ ଧକ୍କାଦେଇ ଫେରାର ହୋଇ ଯାଇଥିଲା। ଏତେ ଜୋର୍‌ରେ ଧକ୍କା ହୋଇଥିଲା ଯେ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଘଟଣାସ୍ଥଳରେ ବାପ ପୁଅଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୁଲିସ ମୃତଦେହ ଜବତ କରି ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗଣେଶଙ୍କ ପତ୍ନୀ ସାବିନାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବାରୁ ଘରର ମୁରବୀଙ୍କ ମୃତ୍ୟୁପରେ ତାଙ୍କ ବାକି ତିନି ପୁଅ ଝିଅ ବେସାହାରା ହୋଇ ପଡ଼ଛନ୍ତି। ଗଣେଶଙ୍କ ବଡ଼ ପୁଅ ପୃଥିବୀ (୨୦) ଓ ଦ୍ୱିତୀୟ ଝିଅ ଦିବ୍ୟା (୧୭) ରହିଥିବା ବେଳେ ତୃତୀୟ ଯଆଁଳା ସନ୍ତାନ ଭାବେ ଓମ୍ ଏବଂ ସୋମ୍ (୧୩) ରହିଥିଲେ। ତେବେ ଉକ୍ତ ଯାଆଁଳା ସନ୍ତାନ ବର୍ଷକର ହେବା ସମୟରେ ପତ୍ନୀଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିଲା। ଗଣେଶଙ୍କ ମା ମଧ ଆରପାରିକୁ ଚାଲି ଯାଇଥିବା ବେଳେ ତାଙ୍କ ବୃଦ୍ଧ ବାପା ଶଯ୍ୟାଶାୟୀ ଅଛନ୍ତି। ଏ ସ୍ଥିତିରେ ଗଣେଶଙ୍କ ମୃତ୍ୟୁ ପରେ ତାଙ୍କ ତିନି ପୁଅ ଝିଅ ବେସାହାରା ହୋଇ ପଡ଼ିଛନ୍ତି।

### ବିଜେପିରେ ମିଶିଲେ ପ୍ରବୋଧ...

# ହେବେ କି ତଳସରା ବିଧାନସଭା ପ୍ରାର୍ଥୀ

**ସୁନ୍ଦରଗଡ଼, ୨୫।୪(ସମିସ)**

କିଛି ଦିନ ତଳେ କଂଗ୍ରେସରୁ ଇସ୍ତଫା ଦେଇଥିବା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ଗୁରୁବାର ବିଜେପିରେ ଯୋଗ ଦେଇଛନ୍ତି।



ସୋନପୁର ଠାରେ ଆୟୋଜିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିର୍ବାଚନୀ ସଭାରେ ପ୍ରବୋଧ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧିଦଳ ନେତା ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବୋଧ ଏୟାର ଲାଇନ ଚାକିରି ଛାଡି କଂଗ୍ରସରେ ଯୋଗ ଦେବାପରେ ଦଳ ପକ୍ଷରୁ ତାଙ୍କୁ ତଳସରା ବିଧାନସଭା ପ୍ରାର୍ଥୀ ଘୋଷଣା କରା ଯାଇଥିଲା। ଏଥିରେ ସେ ବେଶ ଉତ୍ସାହିତ ହୋଇ ସୁନିଶ୍ଚିତ ବିଜୟ ଲକ୍ଷ୍ୟ ଘମାଘୋଟ ନିର୍ବାଚନ ଚଳାଇଥିଲେ। ତେବେ କଂଗ୍ରେସ ହାଇକମାଣ୍ଡ ହଠାତ ଟିକେଟ ପ୍ରତ୍ୟାହାର କରି ଦେବେନ୍ଦ୍ର ଭିତ୍ରିଆଙ୍କୁ ପ୍ରାର୍ଥୀ କରିଛି। ଏଥିରେ ପ୍ରବୋଧ ଅପମାନିତ ତଥା ମର୍ମାହତ ହୋଇ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଏପରିକି ସେ ବଡ଼ଗାଁ ଠାରେ ନିର୍ବାଚନୀ ସଭାରେ କାନ୍ଦି ପକାଇ ଥିଲେ। ଅରପକ୍ଷରେ, ଉକ୍ତ ଆସନ ପାଇଁ ବେଶ ଆଶାବାଦୀ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳଙ୍କୁ ଟିକଟ ନ ମିଳିବା ପରେ ସେ ସିଧାସଳଖ ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରି ଝାରସୁଗୁଡା ବିଧାନସଭା ଆସନ ପାଇଁ ଟିକଟ ହାତେଇଛନ୍ତି। ପ୍ରବୋଧ କଂଗ୍ରେସରୁ ଇସ୍ତଫା ଦେବା ପରେ ଅନେକ ସ୍ଥାନରେ ବିଜେପିର ମିଶ୍ରଣ ପର୍ବ ହୋଇଥିବା ବେଳେ ଗତକାଲି ସନ୍ଧ୍ୟାରେ ମଧ୍ୟ ସୁନ୍ଦରଗଡ଼ ରିଜର୍ଭ ପଡ଼ିଆରେ ମହାମିଶ୍ରଣ ପର୍ବ ହୋଇଥିଲା। ଉକ୍ତ ମହାମିଶ୍ରଣ ପର୍ବରେ ଅନ୍ୟ ଦଳରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବିଜେପିରେ ଯୋଗ ଦେଇଥିବା ଦଳ ପକ୍ଷରୁ କୁହାଯାଉଛି। ତେବେ ପ୍ରବୋଧ ଏହି ମହା ମିଶ୍ରଣ ପର୍ବରେ ବିଜେପିରେ ଯୋଗ ନ ଦେଇ ସୋନପୁର ଠାରେ ଆୟୋଜିତ ଗୃହମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ବିଜେପିର ମିଶି ଥିବାରୁ ଭିନ୍ନ ଚର୍ଚ୍ଚା ହେଉଛି। କଂଗ୍ରେସ ନେତ୍ରୀ ଅମିତାଙ୍କ ନୀତି ଆପଣେଇ ସେ ତଳସରା ବିଧାନ ସଭା ଆସନ ହାତେଇ କି ବୋଲି ଚର୍ଚ୍ଚା ହେଉଛି। ତଳସରା ବିଧାନସଭା ଆସନ ପାଇଁ ବିଜେପି ସ୍ଥାନୀୟ ବିଧାୟକ ଭବାନୀଶଙ୍କର ଭୋଇଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତେବେ ତାଙ୍କ ରାଜନୈତିକ ଜୀବନର ପ୍ରଥମ ବିଧାୟକ ଭାବେ କାର୍ଯ୍ୟକାଳପ ସନ୍ତୋଷଜନକ ନ ଥିବାରୁ ଭବାନୀଙ୍କ ଟିକଟ କାଟି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧଙ୍କୁ ଟିକଟ ଦେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ପାରୁନାହିଁ।

## ସଦର ବ୍ଲକ୍‌ରେ ଯୋଗେଶଙ୍କ ମାରାଥନ ପ୍ରଚାର



**ସୁନ୍ଦରଗଡ଼, ୨୫।୪(ସମିସ):** ବିଜୁ ଜନତା ଦଳର ସୁନ୍ଦରଗଡ଼ ବିଧାନସଭା

### ବିଭିନ୍ନ ଗ୍ରାମରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ପ୍ରାର୍ଥୀ ଯୋଗେଶ କୁମାର ସିଂହ ବୁଧବାର ସୁନ୍ଦରଗତ ସଦର ବ୍ଲକରେ ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ଯୋଗେଶ ଦଳୀୟନେତା କର୍ମୀଙ୍କ ଗହଣରେ ଲେଡ଼ିମଙ୍ଗ ବସ୍ତି, ସୁଆମାଲ, କେନ୍ଦୁପଡ଼ା, ଧାରୁଆଡିହି, ସୁନାମୁଣ୍ଡା, ବାବୁ ପତା, ଡୁଡୁକାବାହାଲ, ତିଲେଇମଲଟି, ବାନ୍ଧୁବାହାଲ, ତୁଲେମବୁଡ, ଅମସରଙ୍ଗା, କୁମ୍ଭାରଢିପା, ମଝାପଡ଼ା, ତେଲିମାଲ, ନୂଆଁପଡ଼ା ଆଦି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମବାସୀ ଯୋଗେଶଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଗ୍ରାମବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିବାବେଳେ ବିଧାନସଭାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଲେ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମେ' ୨୦ ତାରିଖରେ ସମସ୍ତେ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପାଇଁ ଯୋଡି ଶଙ୍ଖରେ ଭୋଟ ଦେଇ ଓଡ଼ିଶା ତଥା ଅଞ୍ଚଳର ବିକାଶଧାରାରେ ସାମିଲ ହେବାକୁ ଅନୁରୋଧ ଜଣାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ତଥା ସଦର ଜିଲ୍ଲା ପରିଷଦ (କ) ସଭ୍ୟ ଅଶ୍ୱିନୀ କୁମାର ନାଏକ, (ଖ) ସଭ୍ୟା ମଞ୍ଜୁଲତା ନାଏକ, ଲେଡିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, ସମିତିସଭ୍ୟ ମନୋଜ ଅଗସ୍ତି, ବସନ୍ତ ଶେଖର ଦେଓ, ବରିଷ୍ଠ ନେତା ଅମୃତ ଶେଖର ଦେଓ, ଶିବାଶିଷ ନାଏକ, ବଂଶୀଧର ମେହେର, ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ସୁରେନ୍ଦ୍ର ସାହୁ, ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ପ୍ରଶାନ୍ତ ସାହୁ, ସନ୍ତୋଷ ମଗର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତିଆଣ ଅଭିଯୋଗ, ଥାନାରେ ଏତଲା

**ସୁନ୍ଦରଗଡ଼, ୨୫।୪(ସମିସ):** ସୁନ୍ଦରଗଡ଼ ସଦର ଥାନା ଅଧୀନ କୁଆଁରବଗା ଗ୍ରାମରେ ଜାତିଆଣ ନେଇ ଥାନାରେ ଏତଲା ହୋଇଛି। ସମ୍ବଲପୁର ଜିଲ୍ଲାର ପ୍ରଦ୍ୟୁମ୍ନ ଡୁଡୁମ କୁଆଁରବଗା ଗ୍ରାମର ପ୍ରେମଲତା ପଟେଲଙ୍କ ଘରେ କାମ କରୁଥିଲେ। ତେବେ ସେ କାମ କରୁଥିବା ବେଳେ ପ୍ରେମଲତାଙ୍କ ପଡ଼ୋଶୀ ଆରତୀ ପଟେଲ, ଚନ୍ଦ୍ରମଣି ପଟେଲ ଓ ସ୍ୱରୂପ ପଟେଲ ପ୍ରଦ୍ୟୁମ୍ନଙ୍କ ଜାତିକୁ ଆକ୍ଷେପ କରି ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରଦ୍ୟୁମ୍ନ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ହେମଗିରି ଓ ଟପରିଆ ସିଦାରପଡ଼ାରେ ନାମଯଜ୍ଞ ସମ୍ପନ୍ନ



**ହେମଗିରି, ୨୫।୪(ସମିସ):** ହେମଗିରି ତଥା ଟପରିଆ ଶିଦାରପଡ଼ା ଠାରେ ସୋମବାରଠାରୁ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ନଗର ପରିକ୍ରମା ସହ ଦଧିହାଣ୍ଡି ଭଞ୍ଜନ କାର୍ଯ୍ୟକ୍ରମ ଶେଷ ହୋଇଛି। ହେମଗିରି ଚନ୍ଦନ ନଗର ନାମଯଜ୍ଞ କମିଟିର ସଭାପତି ଲଳିତ ବଗାରଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଛି। ସେହିପରି ଟପରିଆ ସିଦାରପଡ଼ା ଠାରେ ଆରମ୍ଭ ହୋଇଥିବା ନାମଯଜ୍ଞ ସଙ୍କୀର୍ତ୍ତନର ଶେଷଦିନରେ ନଗର ପରିକ୍ରମା ତଥା ପ୍ରସାଦ ସେବନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ନାମଯଜ୍ଞ କମିଟିର ସଭାପତି ପର୍ଶୁରାମ ଦାସ ଓ ସମ୍ପାଦକ ସୁରେଶ ଭୋଇଙ୍କ ତତ୍ତ୍ୱାବଧାନରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିର ସହ ସମାପନ ହୋଇ ଯାଇଛି। ସିଦାରପଡ଼ା ଠାରେ କର୍ତ୍ତା ଭାବେ ପୂର୍ଣ୍ଣାନନ୍ଦ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ।

## ଶୈକ୍ଷିକ ଉପକରଣ ପ୍ରଦର୍ଶନୀ



**ବୁଗୁଡା, ୨୫।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଶୈକ୍ଷିକ ଉପକରଣ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧ ରୁ ୨୩ ତାରିଖ ମଧ୍ୟରେ ଉପକରଣ ପ୍ରସ୍ତୁତି ପକ୍ଷ ଅବସରରେ ଶିକ୍ଷାନୁଷ୍ଠାନର ଗୁରୁମା ଓ ଗୁରୁଜୀମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ମାତୃଭାଷା, ଗଣିତ, ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ସାମାଜିକ ବିଜ୍ଞାନ ଆଦି ବିଷୟ ସମ୍ପର୍କିତ ବିଭିନ୍ନ ଉପକରଣ ପ୍ରସ୍ତୁତ କରାଯାଇଥିଲା ବେଳେ ବୁଧବାର ସେଗୁଡିକ ପ୍ରଦର୍ଶିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଦର୍ଶନୀକୁ ଛାତ୍ରଛାତ୍ରୀମାନେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଉପକରଣ ପ୍ରମୁଖ ଗୁରୁମା ମଧୁସ୍ମିତା ଦାଶ ପରିଚାଳନା କରିଥିବା ବେଳେ ଏଥିରେ ଗୁରୁମା ସରୋଜା ପଟ୍ଟନାୟକ ସହଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

**ଶେରଗଡ଼, ୨୫।୪(ସମିସ):** ଗୁରୁବାର ସକାଳେ ଶେରଗଡ଼ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଶେରଗଡ଼ ଥାନା ବନ୍ଧାଗୁଡା ପଞ୍ଚାୟତ ଷଡଙ୍ଗୀପଲ୍ଲୀ ଗ୍ରାମର ଅଭି ଗୌଡ (୫୦)। ସେ ବୁଧବାର ରାତିରେ ଶଶୁର ଘର ବାଦଗଡ଼କୁ ଯାଇଥିଲେ। ଗୁରୁବାର ସକାଳ ୮ଟାରେ ତାଙ୍କ ଝୁଲନ୍ତା ମୃତଦେହ କାନସା ହାଇସ୍କୁଲ ନିକଟସ୍ଥ ଜଙ୍ଗଲରେ ଦେଖିବାକୁ ମିଳିଥିଲା। ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତିମାନେ ଝୁଲନ୍ତା ମୃତଦେହ ଦେଖି ଶେରଗଡ଼ ଥାନାକୁ ଖବର ଦେଇଥିଲେ। ଖବରପାଇ ଶେରଗଡ଼ ଥାନାଧିକାରୀ ବିରେନ୍ଦ୍ର ସିଅଲଙ୍କ ସହ ଏସ୍‌ଆଇ ସତ୍ୟଜିତ ବେଣିଆ, ଏଏସ୍‌ଆଇ କୃଷ୍ଣ ଚନ୍ଦ୍ର ଦାସ ଓ କିଶୋର କୁମାର ପାଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କ ଭାଇକୁ ହତ୍ୟା କରାଯାଇଥିବା ଅଭିଙ୍କ ଭାଇ କାଶୀ ଗୌଡ ଅଭିଯୋଗ କରିଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଥିଲେ। ଶେରଗଡ଼ ପୁଲିସ ୧୯୮/୨୪ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଙ୍କ ମୃତଦେହକୁ ଘଟଣାସ୍ଥଳରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା, ତାହା ସ୍ପଷ୍ଟ ହେବ ବୋଲି ଶେରଗଡ଼ ଥାନା ପକ୍ଷରୁ କୁହାଯାଇଛି।

## ପାରିବାରିକ ହିଂସାକୁ ନେଇ ୩ ମାମଲା

**ସୁନ୍ଦରଗଡ଼, ୨୫।୪(ସମିସ):** ହେମଗିରି ଥାନା ଅଧୀନ ତିଲିଆ ଗ୍ରାମରେ ପାରିବାରିକ ହିଂସାକୁ ନେଇ ୩ ପୃଥକ୍ ମାମଲା ରୁଜୁ ହୋଇଛି। ପ୍ରଥମେ ଗତ ୧ ତାରିଖରେ ତିଲିଆ ଗ୍ରାମର ଦେବୀପ୍ରସାଦ ସାହୁଙ୍କ ପତ୍ନୀ ସୌଦାମିନୀ ସାହୁ ତାଙ୍କ ବୋହୂ ସୁରଭି ସାହୁଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ବୋହୂ ସୁରଭିଙ୍କ ବିରୋଧରେ ସେ ମାଡ଼ ଅଭିଯୋଗ ଆଣିଥିଲେ। ପରେ ସୁରଭି ତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ପଡୋଶୀ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସେ ନିଜ ବାପ ଘର ସମ୍ବଲପୁର ଜିଲ୍ଲା ଠେଲକୋଇ ଗ୍ରାମକୁ ଚାଲି ଯାଇଥିଲେ। ଗତକାଲି ସେ ତାଙ୍କ ଘରକୁ ଫେରିବା ପରେ ନିଜ ଶାଶୂ, ଶ୍ୱଶୁର, ନଣନ୍ଦ, ମାଉସୀପ୍ରମୁଖଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ଥାନାରେ ଏତଲା ଦେଇଛନ୍ତି। ଅପରପକ୍ଷରେ, ଶ୍ୱଶୁର ଦେବୀପ୍ରସାଦ ବୋହୂ ସୁରଭି ସମେତ ନିଜ ପୁଅ ଏବଂ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ପାଲଟା ଏତଲା ଦେଇଛନ୍ତି। ସୁରଭିଙ୍କ ବାପ ଘର ଲୋକେ ଆସି ତାଙ୍କ ଘରେ ଗଣ୍ଡଗୋଳ କରିଥିବା ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଉକ୍ତ ଘଟଣା ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି।

## ପଞ୍ଚମହାଯଜ୍ଞ ପାଇଁ କଳସଯାତ୍ରା

**ପୁରୁଷୋତ୍ତମପୁର, ୨୫।୪(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଅରଖପୁର ଗ୍ରାମରେ ପଞ୍ଚ ମହାଯଜ୍ଞ ଅବସରରେ ବୁଧବାର ଭୋରରେ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଚାରକ ପଣ୍ଡିତ ଅଶୋକ ଶତପଥୀଙ୍କ ତତ୍ତ୍ୱାବଧାନରେ ଋଷିକୂଲ୍ୟା ନଦୀ କପିଳେଶ୍ୱରପୁର ଶାସନ ଘାଟରେ ପୂଜାର୍ଚ୍ଚନା ଓ ଗଙ୍ଗାମାତାଙ୍କୁ ଆବାହନ ପରେ ଶତାଧିକ ମାନସିକଧାରୀ ମହିଳା କଳସଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରି ଘୃତ ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ପୁରୋହିତ ପ୍ରଶ୍ନ କୁମାର ମିଶ୍ର, ଦୁଃଖୀଶ୍ୟାମ ଦାଶ, କର୍ତ୍ତା ଭାବେ ରାମହରି ସାହୁ ଓ ତାଙ୍କର ସ୍ତ୍ରୀଙ୍କ ଉପସ୍ଥିତିରେ ହୋମ କାର୍ଯ୍ୟ ଓ ସମସ୍ତ ପୂଜାବିଧି କରାଯାଇଥିଲା। ଏଗାର ଦିନବ୍ୟାପୀ ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନଯଜ୍ଞ, ଗୋ ଯଜ୍ଞ, ଜ୍ଞାନ ଯଜ୍ଞ ଆଦି ଯଜ୍ଞ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ରାମ ନବମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଗଞ୍ଜାମ, ୨୫।୪(ସମିସ):** ଗଞ୍ଜାମ ସହର ୪ ନମ୍ବର ୱାର୍ଡ ରଘୁନାଥ ସାହି ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀର ସପ୍ତମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସମ୍ମୁଖରେ ପ୍ରହ୍ଲାଦ ନାଟକ ପରିବେଷଣ କରାଯାଇଥିଲା। ଠାକୁରଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ବଡ଼ ବଜାର ରଘୁନାଥ ମନ୍ଦିରରେ ମଧ୍ୟ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ପ୍ରସାଦ ବ୍ୟବସ୍ଥା କରାଯାଇ ଠାକୁରମାନଙ୍କୁ ସମର୍ପଣ କରାଯାଇଥିଲା।

## ଗୁରାପଲ୍ଲୀ ଟୋଲ୍ ଗେଟ୍‌ରେ ପୁଲିସର ନାକାବନ୍ଦୀ

**ଖଲ୍ଲିକୋଟ, ୨୫।୪(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଖଲ୍ଲିକୋଟ ଥାନା ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ୍‌ରେ ନାକାବନ୍ଦୀ କରାଯାଇଥିବା ବେଳେ ଅପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ଗଞ୍ଜାମ ପୁଲିସ। ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଦିଗରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଖଲ୍ଲିକୋଟ ଥାନା ପୁଲିସ ପକ୍ଷରୁ ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ ନାକାବନ୍ଦୀ କରାଯାଇ ଥିବା ବେଳେ ଗାଡ଼ି ଭିତରେ ଟଙ୍କା ଚାଲାଣ, ଅସ୍ତ୍ରଶସ୍ତ୍ର ଚାଲାଣ ଆଦି ଅପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଖୋର୍ଦ୍ଧା ପଟୁ ଗଞ୍ଜାମ ଓ ଗଞ୍ଜାମ ପଟୁ ଖୋର୍ଦ୍ଧା ଅଭିମୁଖେ ଯାତାୟାତ କରୁଥିବା ସମସ୍ତ ଗାଡ଼ିକୁ ତନ୍ନ ତନ୍ନ କରି ତନଖି କରାଯାଇଥିଲା। ତେବେ ଦିନ ୨ଟାରେ ଟୋଲ ଗେଟ୍‌ଠାରେ ନିର୍ବାଚନ କମିଶନଙ୍କ ପର୍ଯ୍ୟବେକ୍ଷକ ପହଞ୍ଚି ଏହି ଯାଞ୍ଚ ପ୍ରକ୍ରିୟାକୁ ତଦାରଖ କରି ଫେରିଛନ୍ତି। ଯାଞ୍ଚରେ ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଖଲ୍ଲିକୋଟ ଥାନାଧିକାରୀ ନରେଶ ସାହୁ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ସାମଲ, ଏସଆଇ ପୂର୍ଣ୍ଣଚନ୍ଦ୍ର କିଶାନ, ଏଏସ୍‌ଆଇ ହୃଷୀକେଶ ସାମଲ, ଏଏସ୍‌ଆଇ ଅସିତ ପ୍ରଧାନଙ୍କ ସହ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

### ସାଧାରଣ ନିର୍ବାଚନ-୨୦୨୪

# ସୁନ୍ଦରଗଡ଼ ଜିଲ୍ଲାରେ ଆଜିଠାରୁ ନାମାଙ୍କନପତ୍ର ଦାଖଲ

**ସୁନ୍ଦରଗଡ଼, ୨୫।୪(ସମିସ)**

ଚଳିତସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲ୍ଲାରେ ଶୁକ୍ରବାରଠାରୁ ନାମାଙ୍କନ ଆରମ୍ଭ ହେବ। ଉକ୍ତ ନାମାଙ୍କନପତ୍ର ଦାଖଲର ସମୟସୀମା ମେ' ୩ ତାରିଖ ଯାଏ ରହିଛି। ସେହିପରି ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୬ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହରର ସମୟସୀମା ରହିଥିବା ବେଳେ ମେ' ୨୦ ତାରିଖରେ ଭୋଟଗ୍ରହଣ ଓ ଜୁନ୍ ୪ ତାରିଖରେ ଭୋଟ ଗଣତି ହେବ। ସୁନ୍ଦରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଜିଲ୍ଲାପାଳ ଡ. ଗାଭାଲି ପରାଗ ହର୍ଷଦ ରିଟର୍ଣ୍ଣିଂ ଅଧିକାରୀ ରହିଛନ୍ତି। ୭ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ତଳସରା ବିଧାନ ସଭା ନିର୍ବାଚନମଣ୍ଡଳୀ ପାଇଁ ଉପ ଜିଲ୍ଲାପାଳ ଦାଶରଥି ସରାବୁ, ବୀରମିତ୍ର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ସରୋଜ କୁମାର ମିଶ୍ର, ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଂ, ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାଏକ, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଓ ବଣାଇ ନିର୍ବାଚନମଣ୍ଡଳୀ ପାଇଁ ବଣାଇ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁଙ୍କୁ ରିଟର୍ଣ୍ଣି ଅଫିସର ଭାବେ ନିଯୁକ୍ତ କରାଯାଇଛି। ଫଳରେ ନାମାଙ୍କନପତ୍ର ଦାଖଲ ସମୟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଶକ୍ତି ପ୍ରଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଚଳିତ ସାଧାରଣ ନିର୍ବାଚନରେ

- ଜିଲ୍ଲା ମହକୁମାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ପ୍ରାର୍ଥୀମାନଙ୍କୁ ନାମାଙ୍କନ ପୂର୍ବରୁ ନିର୍ବାଚନ ପ୍ରଚାର ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥିଲା। ଏଣୁ ସମସ୍ତ ପ୍ରାର୍ଥୀ ଘମୋଘୋଟ ନିର୍ବାଚନ ପ୍ରଚାରରେ ମାତିଥିବାବେଳେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବର ଆୟୋଜନ କରି ବେଶ ବଳ ଗୋଟାଇଛନ୍ତି। ନାମାଙ୍କନ ସମୟରେ ଶକ୍ତି ପ୍ରଦର୍ଶନରେ ଅସମ୍ଭାଳ ଭିଡ଼ ହେବାର ଆଶଙ୍କା ରହିଛି। ଏଣୁ ପୁଲିସ ପ୍ରଶାସନପକ୍ଷରୁ ଜିଲ୍ଲା ମହକୁମାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସମସ୍ତ ରିଟର୍ଣ୍ଣିଂ ଅଫିସରଙ୍କ ସୁରକ୍ଷା ପାଇଁ ଜଣେ ଲେଖାଏଁ ସବ୍ ଇନ୍ସପେକ୍ଟର ପାହ୍ୟା ପୁଲିସ ଅଧିକାରୀ, ଜଣେ ଲେଖାଏଁ ହାବିଲଦାର ଏବଂ ୪ ଲେଖାଏଁ କନଷ୍ଟେବଲ ମୁତୟନ ହେବେ। ସେହିପରି ଗେଟରେ ସୁରକ୍ଷା ବ୍ୟବସ୍ଥା ପାଇଁ ୨ରୁ ୩ ପ୍ଲାଟୁନ ଏପିଆର ଫୋର୍ସ ମୁତୟନର ବ୍ୟବସ୍ଥା କରାଯାଇଛି। ରାଲିରେ ଟାଉନ ଥାନା ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯିବ ବୋଲି ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ସୂଚନା ଦେଇଛନ୍ତି।

## ବିଜେପିର ନିର୍ବାଚନୀ ଇସ୍ତାହାର ଉନ୍ମୋଚିତ



**ସୁନ୍ଦରଗଡ଼, ୨୫।୪(ସମିସ):** ବିଜେପିର ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟାଳୟ ଠାରେ ମୋଦୀ ଗ୍ୟାରେଣ୍ଟି, ବିକଶିତ ଭାରତ ତଥା ବିକଶିତ ଓଡ଼ିଶା ସଂକଳ୍ପ ପତ୍ର ଇସ୍ତାହାରର ଓଡ଼ିଆ ସଂସ୍କରଣ ଉନ୍ମୋଚିତ ହୋଇଛି। ଏଥିରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ସଦର ବିଧାୟିକା କୁସୁମ ଟେଟେ, ଲୋକସଭା ନିର୍ବାଚନ ସହ ସଂଯୋଜକ ଗିରିଶ ସାହୁ, ବରିଷ୍ଠ ନେତା ସନ୍ତୋଷ ଅମାତ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଯଶବନ୍ତ ନାଏକ ପ୍ରମୁଖ ଯୋଗ ଦେଇ ଏହାର ଉନ୍ମୋଚନ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ଲୋକସଭା ନିର୍ବାଚନ ସଂଯୋଜକ ବଟକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ମଞ୍ଚାସୀନ ପଦାଧିକାରୀ ମୋଦୀ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ବିଜେପି ସଂକଳ୍ପ ବଦ୍ଧ ବୋଲି କହିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ରାଜ୍ୟ ସ୍ୱଚ୍ଛଭାରତ ଅଭିଯାନ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲ୍ଲା କୋଷାଧ୍ୟକ୍ଷ ଦିନେଶ କର, ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସମ୍ପାଦକ ସସିମ ପଟେଲ, ଭୋପାଳ ସାହୁ, ଶମ୍ଭୁନାଥ ଭୋଳ, ଅଶୋକ ଗହୀର, ଶ୍ରୀକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

